# ୩ ଦିନରେ ୧୭ ଚିହ୍ନଟ, ୨ ମୃତ

କୋରାପୁଟ,୧୯।୬(ସ୍ୱ.ପ୍ର.)

କୋରାପୁଟ ଜିଲାରେ ଏବେ ଡେଙ୍ଗୁ ଜ୍ୱର ବ୍ୟାପିବାରେ ଲାଗିଛି। ବହୁ ସଂଖ୍ୟାରେ ଆକ୍ରାନ୍ତ ଡାକ୍ତରଖାନାରେ ଭିଡ଼ ଲଗାଉଛନ୍ତି। ଲକ୍ଷ୍ମୀପୁର ବ୍ଲକରେ ଏହି ସଂଖ୍ୟା ସର୍ବାଧିକ ଥିବା ଜଣାପଡ଼ିଛି। ଇତିମଧ୍ୟରେ ଡେଙ୍ଗୁରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ସେମାନଙ୍କ କୋରାପୁଟ ମେଡିକାଲ କଲେଜରେ ପରୀକ୍ଷା ହୋଇଥିଲା। ରିପୋର୍ଟରୁ ଉଭୟଙ୍କୁ ଡେଙ୍ଗୁ ହୋଇଥିବା ଜଣାପଡ଼ିଥିଲା। ମାତ୍ର ଡେଙ୍ଗୁରେ ସେମାନଙ୍କ ମୃତ୍ୟୁ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇନାହିଁ। ଏହାକୁ ନିୟନ୍ତ୍ରଣ କରିବାରେ ପ୍ରଶାସନ ପକ୍ଷରୁ ପ୍ରୟାସ ଜାରି ରହିଥିଲେ ସୁଦ୍ଧା ତାହା ଯଥେଷ୍ଟ ହୋଇନାହିଁ।

ଖବରରୁ ଜଣାପଡିଛି, କିଛି ଦିନ ତଳେ କେତେକ ଲୋକ ଜ୍ୱରରେ ଆକ୍ରାନ୍ତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଯୁବତୀ ଓ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିଲା। ଫଳରେ ସେମାନେ ରହୁଥିବା ସାହିର ସାହିବାସିନ୍ଦା ଉଭୟ ଯୁବତୀଯୁବକ ଡେଙ୍ଗୁରେ ଆକ୍ରାନ୍ତ ହୋଇ ମୃତ୍ୟୁ ଘଟିଥିବା ସନ୍ଦେହ କରିଥିଲେ। ତେବେ ଖବର ପାଇ ଜିଲାସ୍ତରୀୟ ଏକ ଡାକ୍ତରୀ ଟିମ୍ ସହ ଭ୍ରାମ୍ୟମାଣ ଟିମ୍ ସାହିଗୁଡ଼ିକର ପ୍ରତି ଘର ବୁଲି ପିଇବା ପାଣି ଓ ରକ୍ତ ନମୁନା ସଂଗ୍ରହ କରି ନେଇଥିଲେ। ଏହା ଏକ ଭୂତାଣୁ ଜନିତ ଜ୍ୱର, ଭୟଭୀତ ନ ହେବାକୁ ଲୋକଙ୍କୁ ପରାମର୍ଶ ଦେଇଥିଲେ। ଏହା ସତ୍ତ୍ୱେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିଚାଲିଛି। ଲକ୍ଷ୍ମୀପୁରରେ ଗତ ତିନିଦିନ ମଧ୍ୟରେ ୧୭ ଜଣ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହୋଇଥିବା ଡାକ୍ତରଖାନା ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ କେତେକ ବାହାରକୁ ଯାଇ ଚିକିତ୍ସିତ ହୋଇ ଫେରି ଆସୁଥିବା ବେଳେ ଅର୍ଥାଭାବରୁ ଅନେକ ଲକ୍ଷ୍ମୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି।

ଅନ୍ୟପକ୍ଷରେ ବର୍ଷା ହେଲେ ଲକ୍ଷ୍ମୀପୁର ଅବସ୍ଥା ଶୋଚନୀୟ ହୋଇପଡୁଛି। ନୂଆ ବସଷ୍ଟାଣ୍ଡଠାରୁ ଆରମ୍ଭକରି ପୁରୁଣା ବସଷ୍ଟାଣ୍ଡ, ଶିବ ମନ୍ଦିର ରାସ୍ତା, ଆଦିବାସୀ ସାହି, ୩ଟି ହରିଜନ ସାହି, ଉପର ଦୋରାସାହି ଓ ତଳ ଦୋରାସାହି, ପୋଷ୍ଟ ଅଫିସ ରାସ୍ତା ଆବର୍ଜନାରେ ଭର୍ତ୍ତି ହୋଇଯାଉଛି। ନାଳଗୁଡ଼ିକ ଜାମ୍ ହୋଇ ରହୁଛି। ଏହା ଡେଙ୍ଗୁ ରୋଗ ବଢ଼ିବାରେ ସହାୟକ ହେଉଛି। ପଞ୍ଚାୟତ ପକ୍ଷରୁ ରାସ୍ତା ଓ ନାଳ ସଫେଇ କରାଯିବା କଥା। ମାତ୍ର ପଞ୍ଚାୟତ ଏହା କରୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଜିଲା ପ୍ରଶାସନ ଏ ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ମତ ପ୍ରକାଶ ପାଉଛି। ଏ ସମ୍ପର୍କରେ ଲକ୍ଷ୍ମୀପୁର ଡାକ୍ତରଖାନାର ଡାକ୍ତର ଏସ. ପ୍ରଧାନଙ୍କୁ ପଚାରିବାରୁ ସେ କହିଲେ, ରବିବାର ସୁଦ୍ଧା ଲକ୍ଷ୍ମୀପୁର ସ୍ୱାସ୍ଥ୍ୟକେନ୍ଦ୍ର ଅଞ୍ଚଳରୁ ୧୫ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ସ୍ଥିତି ଉପରେ ବିଭାଗ ପକ୍ଷରୁ ନଜର

ଏନେଇ ସିଡିଏମ୍ଓ ଅରୁଣ କୁମାର ପାଢୀଙ୍କୁ ପଚାରିବାରୁ ସେ କହିଲେ ଯେଉଁ ୨ଜଣ ଡେଙ୍ଗୁରେ ମୃତ୍ୟବରଣ କରିଥିବା କୁହାଯାଉଛି, ସେମାନଙ୍କର ଡେଙ୍ଗୁରେ ମୃତ୍ୟୁ ହୋଇନାହିଁ। ଏଥିରେ ମୋଟ ୧୭ ଜଣ ଆକ୍ରାନ୍ତ ହୋଇଛନ୍ତି। କୋରାପୁଟରୁ ବିଡିଓଙ୍କ ତତ୍ତ୍ୱାବଧାନରେ ୨ଟି ଡାକ୍ତରୀଦଳ ଲକ୍ଷ୍ମୀପୁର ଯାଇଛନ୍ତି। ସେଠାରେ ରାସ୍ତା ଓ ଡ୍ରେନରେ ଜମା ହୋଇଥିବା ଅଳିଆ ଆବର୍ଜନା ସଫା କରାଯାଇ ସ୍ୱାଭାବିକ ସ୍ଥିତି ଫେରାଇ ଆଣିବାକୁ ଉଦ୍ୟମ କରାଯାଉଛି ବୋଲି ସେ କହିଛନ୍ତି।


୨ ଓ୍ୱାର୍ଡରେ ଚିକିତ୍ସିତ ହେଉଥିବା ଡେଙ୍ଗୁ ରୋଗୀ।

**ଡେଙ୍ଗୁ କବଳରେ ଲକ୍ଷ୍ମୀପୁର**

- ସାହିରୁ ପାଣି, ରକ୍ତ ନମୁନା ସଂଗ୍ରହ କରିଛି ଡାକ୍ତରୀ ଟିମ୍
- ବର୍ଷା ହେଲେ ଲକ୍ଷ୍ମୀପୁର ଅବସ୍ଥା ହୋଇପଡୁଛି ଶୋଚନୀୟ
- ସ୍ଥିତି ଉପରେ ନଜର ରଖାଯାଇଛି: ସିଡିଏମ୍ଓ

## ସଂକ୍ଷେପରେ

### ଘାଟି ତଳକୁ ସ୍କର୍ପିଓ ଖସି ୭ ଗୁରୁତର

ଜୟପୁର,୧୯।୬(ନି.ପ୍ର.)- ଏକ ସ୍କର୍ପିଓ ଭାରସାମ୍ୟ ହରାଇ ଶନିବାର ବିଳମ୍ବିତ ରାତିରେ ଜୟପୁର ଘାଟି ତଳକୁ ଖସିପଡ଼ିଥିଲା। ଫଳରେ ଏଥିରେ ଥିବା ୭ଜଣ ଗୁରୁତର ହୋଇଥିଲେ। ଜଗଦଲପୁର ଅଭିମୁଖେ ଯାଉଥିବା ଏହି ସ୍କର୍ପିଓ (ସିଜି୧୯ବି-୨୯୧୬) ଉମୁରି ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ଖବରପାଇ ପୋଲିସ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ୭ ଜଣଙ୍କ ମଧ୍ୟରୁ ୨ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଉପଜିଲାପାଳ ବେଦବର ପ୍ରଧାନ ଜିଲା ଚିକିତ୍ସାଳୟରେ ପହଞ୍ଚି ଚିକିତ୍ସାଧୀନ ବ୍ୟକ୍ତିଙ୍କ ଓ ଡାକ୍ତରଙ୍କ ସହ ଆଲୋଚନା କରି ଫେରିଛନ୍ତି।

### ଅବକାରୀ ଧରପଗଡ଼, ମଦ ସହ ପୋଚ ଜବତ



ଜୟପୁର, ୧୯।୬ (ନି.ପ୍ର.)- ତୋଟାପଡା ଜଙ୍ଗଲରେ ଜୟପୁର ଏପିଆର ଫୋର୍ସ ଓ କୋରାପୁଟ ପୋଲିସ ମିଳିତ ଚଢାଉ କରି ଲକ୍ଷାଧିକ ଟଙ୍କାର ମଦ ଓ ପୋଚ ଜବତ କରିଛି। ଜଙ୍ଗଲରେ ମଦ ବ୍ୟବସାୟୀମାନେ ମଦ ଓ ପୋଚ ଲୁଚାଇ ରଖିଥିବା ସୂଚନା ପାଇ ଏହି ଚଢାଉ କରାଯାଇଥିଲା। ସେମାନେ ବ୍ୟବହାର କରୁଥିବା ମଦ ଭାଟିକୁ ପୋଲିସ ଓ ଅବକାରୀ କର୍ମଚାରୀ ଭାଙ୍ଗି ଦେଇଛନ୍ତି। ମଦରନ୍ଧା ସରଞ୍ଜାମ, ଡ୍ରମ୍ ଆଦି ଜବତ କରିଛନ୍ତି। ତେବେ ମଦ କାରବାର କରୁଥିବା ବ୍ୟକ୍ତିମାନେ ଚଢ଼ାଉ ସୂଚନା ପାଇ ଫେରାର ହୋଇଯାଇଛନ୍ତି।

### ରଥଯାତ୍ରା ପରିଚାଳନା ନେଇ ପିପିଏସିସି ବୈଠକ

ଜୟପୁର, ୧୯।୬ (ନି.ପ୍ର.)- ପବ୍ଲିକ-ପୋଲିସ-ଆଡମିନଷ୍ଟ୍ରେସନ କୋ-ଅର୍ଡିନେଶନ କମିଟିର ସାଧାରଣ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଫଙ୍କସନ ହଲଠାରେ ଆୟୋଜିତ ବୈଠକରେ ଜୟପୁର ରଥଯାତ୍ରା ଓ ଟ୍ରାଫିକ ସମସ୍ୟାକୁ ନେଇ ଆଲୋଚନା ହୋଇଥିଲା। ଏଥିରେ ଆସିଷ୍ଟାଣ୍ଟ କଲେକ୍ଟର ଜ୍ୟୋତିରାଣୀ ରଥ, ଏସ୍‌ଡିପିଓ ଅରୁପ ଅଭିଷେକ ବେହେରା, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ଅତିରିକ୍ତ ତହସିଲଦାର ଅଶ୍ୱିନ ମହାପାତ୍ର, ଟାଉନ ଥାନା ଅଧିକାରୀ ସଞ୍ଜୟ ମଣ୍ଡଳ, ସଦର ଥାନା ଅଧିକାରୀ ଈଶ୍ୱର ତାଣ୍ଡି କମିଟି ସଭାପତି ପ୍ରଫୁଲ୍ଲ ପାଢୀ, ସମ୍ପାଦକ ନିରଞ୍ଜନ ପାଣିଗ୍ରାହୀ, ଯୁଗ୍ମ ସମ୍ପାଦକ ବରୁଣ ଜୈନ, ସଙ୍ଗଠନ ସମ୍ପାଦକ ପ୍ରଦୀପ୍ତ ସାହୁ, ପ୍ରତାପ ପଟ୍ଟନାୟକଙ୍କ ସହ ୩୭ଟି ଅନୁଷ୍ଠାନର ୧୩୦ ଜଣ ସଦସ୍ୟମାନେ ଉପସ୍ଥିତ ଥିଲେ।

### ମୃତ୍ୟୁକୁ ନିମନ୍ତ୍ରଣ କରୁଛି ଖୋଲା ବୋର୍‌ୱେଲ

ଚନ୍ଦାହାଣ୍ଡି, ୧୯।୬(ଡି.ଏନ୍.ଏ.)
ଚନ୍ଦାହାଣ୍ଡି ବ୍ଲକର ବିଭିନ୍ନ ସ୍ଥାନରେ ଲୋକେ ବୋରୱେଲ ଖୋଳି ଖୋଲା



ଛାଡ଼ି ଦେଉଛନ୍ତି। ଏହା ମୃତ୍ୟୁକୁ ନିମନ୍ତ୍ରଣ ଭଳି ଲୋକେ କହୁଛନ୍ତି। ଗତ ସପ୍ତାହରେ ଛତିଶଗଡ଼ ଚମ୍ପା ଅଞ୍ଚଳରେ ଖୋଲା ବୋରୱେଲରେ ଖସିପଡ଼ି ୧୦ବର୍ଷର ଦିବ୍ୟାଙ୍ଗ ରାହୁଲ ୫ଦିନ ଜୀବନ ସହ ସଂଗ୍ରାମ କରିଥିଲେ। ଏହି ଘଟଣା ସାରା ଦେଶରେ ଆଲୋଡନ ସୃଷ୍ଟି କରିଥିଲା। ଏହା ସତ୍ତ୍ୱେ ମଧ ଚନ୍ଦାହାଣ୍ଡି ବ୍ଲକ ମହରା ପଞ୍ଚାୟତ ଅଧୀନ ପୁଜାରୀଗୁଡା ରାସ୍ତା ପାର୍ଶ୍ୱରେ ଏକ ବୋରୱେଲ ପ୍ରଶାସନ ଖୋଳି ଖୋଲା ଛାଡି ଦେଇଛି। ଏହି ରାସ୍ତା ଦେଇ ପ୍ରତ୍ୟେକ ଦିନ ଶହଶହ ଶିଶୁ ସ୍କୁଲ ଯାଇଥାନ୍ତି। କୌଣସି ଅଘଟଣ ଘଟିବା ପୂର୍ବରୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି। ବ୍ଲକର ବିଭିନ୍ନ ଗ୍ରାମର ଶତାଧିକ ବୋରୱେଲ ସେହିଭଳି ଖୋଲାମେଲାରେ ଥିବା ଅଭିଯୋଗ ହୋଇଛି।

## କ୍ରେନ୍‌ରେ ଚାପିହୋଇ ଅପରେଟରଙ୍କ ମୃତ୍ୟୁ

କୋରାପୁଟ,୧୯।୬(ସ୍ୱ.ପ୍ର.)

କୋରାପୁଟ ସଦର ଥାନା ଅନ୍ତର୍ଗତ ଜେରଟି-ମାଙ୍ଗରା ନିକଟରେ ଶନିବାର କ୍ରେନ୍‌ରେ ଚାପିହୋଇ କ୍ରେନ୍ ଅପରେଟର ନିରଞ୍ଜନ ରେଡ୍ଡିଙ୍କର ମୃତ୍ୟୁ ହୋଇଛି। ତାଙ୍କ ଘର କେରଳରେ। ରେଳଲାଇନ କାର୍ଯ୍ୟ ପାଇଁ ତାମିଲନାଡୁରୁ ଏକ ଘରୋଇ କମ୍ପାନୀର ଟ୍ରେଲର ଯୋଗେ କ୍ରେନ ଆଣିଥିଲେ। ଅପରାହ୍ଣରେ ଟ୍ରେଲରରୁ କ୍ରେନ୍ ତଳକୁ ଓହ୍ଲାଉ ଥିବାବେଳେ ଟ୍ରେଲର ମାଟିରେ ଦବିଯାଇ ଓଲଟି ପଡିଥିଲା। ଫଳରେ କ୍ରେନ୍‌ରେ ବସିଥିବା ଅପରେଟର ନିରଞ୍ଜନ କ୍ରେନରେ ଚାପିହୋଇ ରହିଯାଇଥିଲେ। ସହକର୍ମୀ ଓ ଅନ୍ୟମାନେ ତାଙ୍କୁ ଗୁରୁତର ଅବସ୍ଥାରେ କୋରାପୁଟ ମେଡିକାଲ କଲେଜ ଓ ହସ୍ପିଟାଲକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ସଦର ଥାନା ଏସଆଇ ପ୍ରଫୁଲ୍ଲ ପାତ୍ର ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ରବିବାର ନିରଞ୍ଜନଙ୍କ ପରିବାର ଲୋକେ ପହଞ୍ଚି ତାଙ୍କ ମୃତଦେହ ଗ୍ରାମକୁ ନେଇଛନ୍ତି।

## ଜୟପୁର ସେଲ୍‌ସ ରିପ୍ରେଜେଣ୍ଟେଟିଭ ୟୁନିୟନର ଶୋଭାଯାତ୍ରା

ଜୟପୁର, ୧୯।୬ (ନି.ପ୍ର.)

ଓଡ଼ିଶାର ସେଲସ ରିପ୍ରେଜେଣ୍ଟେଟିଭ ୟୁନିୟନ ଜୟପୁର ଶାଖା ପକ୍ଷରୁ ବିଭିନ୍ନ ଦାବି ନେଇ ରବିବାର ଏକ ବିକ୍ଷୋଭ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଏହି ଶୋଭାଯାତ୍ରା ମହିଳା ମହାବିଦ୍ୟାଳୟରୁ ବାହାରି ରଜାନହର ଛକରେ ପହଞ୍ଚିଥିଲା। ୬୦ରୁ ଊର୍ଦ୍ଧ୍ୱ ସଦସ୍ୟ ବାଇକ ଶୋଭାଯାତ୍ରାରେ ସହର ପରିକ୍ରମା କରି ସେମାନଙ୍କ ଦାବି କେନ୍ଦ୍ର ଓ ରାଜ୍ୟ ସରକାର କାର୍ଯ୍ୟକାରୀ କରିବାକୁ ଦାବି କରିଥିଲେ। ସେମାନଙ୍କ ଦାବିଗୁଡିକ ମଧ୍ୟରେ ଉତ୍ପାଦନ ଖର୍ଚ୍ଚ ଅନୁଯାୟୀ ଔଷଧର ମୂଲ୍ୟ ନିର୍ଦ୍ଧାରଣ କରିବା, ବନ୍ଦ ହୋଇଯାଇଥିବା ସରକାରୀ ଔଷଧ ପ୍ରତିଷ୍ଠାନକୁ ପୁନରୁଦ୍ଧାର କରିବା, ଔଷଧ ଶିଳ୍ପରେ ଚାଲିଥିବା ଅନିୟମିତତାକୁ ବନ୍ଦ କରିବା, ଏ ଦିଗରେ କଡାକଡି ଆଇନ ଲାଗୁ କରିବା, ଅନ୍ ଲାଇନରେ ଔଷଧ ବିକ୍ରି ବନ୍ଦ କରିବା, ଔଷଧକୁ ଜିଏସ୍‌ଟି ଅନ୍ତର୍ଭୁକ୍ତ କରିବା ଆଦି ଦାବି ରହିଛି।। ଏହି କାର୍ଯ୍ୟକ୍ରମରେ ଜୟପୁର ଶାଖାର ସଭାପତି ପ୍ରିନ୍ସ ଖିଲାରି, ଉପ ସଭାପତି ରଞ୍ଜନ ମିଶ୍ର, ସମ୍ପାଦକ ଲକ୍ଷ୍ମଣ କୁମାର ମିଶ୍ର, କୋଷାଧ୍ୟକ୍ଷ ସନ୍ତୋଷ ଦଳାଇଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ। ଜ ରାଜ୍ୟ ସମ୍ପାଦକ ସତ୍ୟବ୍ରତ ମହାପାତ୍ର ସହଯୋଗ କରିଥିଲେ।



ସେଲସ ରିପ୍ରେଜେଣ୍ଟେଟିଭ ୟୁନିୟନ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା ।

## ଅବକାରୀ ଚଢ଼ାଉ, ୩ ଗିରଫ

କୋଡ଼ିଙ୍ଗା,୧୯।୬(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା କୋଡ଼ିଙ୍ଗା ଅବକାରୀ ବିଭାଗ ଓ କୋଷାଗୁମୁଡ଼ା ପୋଲିସ ମିଳିତ ଭାବେ ବ୍ଲକର ତୁରଚୁଣ୍ଡା, ରାକୋଡ଼ା, ସାନ ଆମ୍ବଡ଼ା, ବଡ ଆମ୍ବଡ଼ା ଓ ଗୋଜାଗାଁ ଅଞ୍ଚଳରେ ଚଢ଼ାଉ କରି ବିପୁଳ ପରିମାଣରେ ଦେଶୀମଦ ନଷ୍ଟ କରିଛି। ଏଥିରେ ସମ୍ପୃକ୍ତ ୩ଜଣକୁ ଗିରଫ କରାଯାଇଛି। ସେମାନେ ହେଲେ ସାନ ଆମ୍ବଡ଼ା ଗ୍ରାମର ତୁଳସା ବିଶୋଇ, ଗୋଜାଗାଁ ଗ୍ରାମର ଗୋପୀନାଥ ରନ୍ଧାରି ଓ ଲାଇବାନ ଭତରା। ବିଭାଗ ପକ୍ଷରୁ ପ୍ରାୟ ୪ହଜାର ୫ଶହ ଲିଟର ପୋଚ ମଧନଷ୍ଟ କରାଯାଇଥିବା ବେଳେ ୧୫୦ ଲିଟର ମଦ ଜବତ କରାଯାଇଛି। ଚଢ଼ାଉରେ କୋଡ଼ିଙ୍ଗା ଅବକାରୀ ଉପ-ନିରୀକ୍ଷକ ହରପ୍ରସାଦ ରଣା, ଅବକାରୀ ସହ-ଉପନିରୀକ୍ଷକ ଜଗବନ୍ଧୁ ଜାନୀ, ଅବକାରୀ କନଷ୍ଟେବଲ ଦେବେନ୍ଦ୍ର ସମରଥ, ସଦାଶିବ ଭତରା, ରଞ୍ଜି ଜାନି ଏବଂ କୋଷାଗୁମୁଡ଼ା ପୋଲିସ ସାମିଲ ଥିଲେ।

## ଗଞ୍ଜେଇ ଜବତ, ୨ ଗିରଫ



ଜବତ ଗଞ୍ଜେଇ ଏବଂ ଗିରଫ ୨ ଅଭିଯୁକ୍ତ ।

ମାଲକାନଗିରି,୧୯।୬ (ଡି.ଏନ୍.ଏ.)

ଗଞ୍ଜେଇ ଚୋରା ଚାଲାଣ ବେଳେ ଶନିବାର ରାତିରେ ମାଲକାନଗିରି ଜିଲା ମାଥିଲି ଥାନା ପୋଲିସ ୧ କୁଇଣ୍ଟାଲ ୪୮୦ ଗ୍ରାମ୍‌ରୁ ଅଧିକ ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ୨ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ନବରଙ୍ଗପୁର ଜିଲା ଆର୍‌କେ କଲୋନୀର ଇସ୍ରାଏଲ ସେନାପତି ଓ ତାରାଗାଁ ଗ୍ରାମର ନନ୍ଦ ସୌରା । ମାଥିଲି ପୋଲିସ ଗୋବିନ୍ଦପାଲିଠାରେ ପାଟ୍ରୋଲିଂ କରୁଥିବା ବେଳେ ଗୋବିନ୍ଦପାଲିରୁ-ଜୟପୁର ରାସ୍ତାରେ ଏକ ମାରୁତି କାର ଦ୍ରୁତଗତିରେ ଯାଉଥିବା ଦେଖି ଏହାକୁ ଅଟକାଇ ଯାଞ୍ଚ କରିଥିଲା। ସେଥିରୁ ୬ ବସ୍ତାରୁ ଉପରୋକ୍ତ ପରିମାଣର ଗଞ୍ଜେଇ ମିଳିଥିଲା। ଗଞ୍ଜେଇ ଚାଲାଣରେ ବ୍ୟବହୃତ କାର ଜବତ ହୋଇଛି। ଅଭିଯୁକ୍ତଙ୍କ ନିକଟରୁ ନଗଦ ୨୦ ହଜାର ଟଙ୍କା, ଏଟିଏମ କାର୍ଡ, ଗାଡ଼ି କାଗଜପତ୍ର, ଭୋଟର ଆଇଡି ପୋଲିସ ଜବତ କରିଥିବା ଆଇଆଇସି ସୂର୍ଯ୍ୟପ୍ରକାଶ ନାୟକ କହିଛନ୍ତି।

## ବନ ବିଭାଗ ପକ୍ଷରୁ ଲକ୍ଷାଧିକ ଟଙ୍କାର କାଠଗଣ୍ଡି ଜବତ

କାଲିମେଲା, ୧୯।୬(ଡି.ଏନ.ଏ. )

ମାଲକାନଗିରି ଜିଲା କାଲିମେଲା ବନଖଣ୍ଡ ଅଧୀନ ତଥା ପଡ଼ିଆ ବ୍ଲକ ବଜାଗୁଡା ନିକଟରୁ ବନ ବିଭାଗ ଟ୍ରାକ୍ଟର ଯୋଗେ ଚାଲାଣ ହେଉଥିବା ମୂଲ୍ୟବାନ କାଠଗଣ୍ଡି ଶନିବାର ରାତିରେ ଜବତ କରିଛି। ଏଥିରେ ସମ୍ପୃକ୍ତ ୪ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ପଡ଼ିଆ ବ୍ଲକ ଏମ୍‌ପିଭି-୬୧ ଗ୍ରାମର ମୁଖ୍ୟ ଅଭିଯୁକ୍ତ ତାରକନାଥ ସରକାର, ତାଙ୍କ ସହଯୋଗୀ କ୍ରିଷ୍ଟା ସରକାର, କାଳଦାପାଲୀ ଗ୍ରାମର କାହ୍ନୁ ଚରଣ ମାଡକାମି ଏବଂ ମୁକା ମାଢ଼ି। ଖବରରୁ ଜଣାପଡିଛି, ପଡ଼ିଆ ଫରେଷ୍ଟ ସେକ୍ସନର ବନପାଳ ପବିତ୍ର ଦାସ, ଫରେଷ୍ଟ ଗାର୍ଡ ପପିତା ଆଜମୀରା, କାନନ ବିଶ୍ୱାସ ଏବଂ ଅନ୍ୟ ପାରା କର୍ମଚାରୀମାନେ ଶନିବାର ରାତିରେ ପାଟ୍ରୋଲିଂ କରୁଥିବା ସମୟରେ ଏକ ଟ୍ରାକ୍ଟର କାଠ ଧରି ଆସୁଥିବା ଦେଖିବାକୁ ପାଇଥିଲେ । ଏହାକୁ ଅଟକାଇ ଯାଞ୍ଚ କରିବାରୁ ସେଥିରୁ ୭ଟି କାଠଗଣ୍ଡି ମିଳିଥିଲା। କାଠଗଣ୍ଡି ସହ ଟ୍ରାକ୍ଟରକୁ ଜବତ କରାଯାଇଛି। ଏହାର ବଜାର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ। କାଲିମେଲା ବନାଞ୍ଚଳ ଅଧିକାରୀ ସୁଶାନ୍ତ ଦଲେଇଙ୍କ ନେତୃତରେ ଅଧିକ ତଦନ୍ତ ଜାରି ରହିଛି।


ବନବିଭାଗ ପକ୍ଷରୁ ଜବତ ହୋଇଥିବା କାଠଗଣ୍ଡି।

## ଦେଶୀମଦ, ପୋଚ ଜବତ: ୫ ଗିରଫ

ରାୟଗଡ଼ା ଅଫିସ,୧୯।୬

ଅବକାରୀ କମିଶନର ଓ ରାୟଗଡ଼ା ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ସ୍ୱତନ୍ତ୍ର ଅବକାରୀ ଚଢ଼ାଉ ଅଭିଯାନ ଚାଲିଛି। ଏଥିରେ ଜୁନ୍ ୧୬ ରୁ ୧୮ ମଧ୍ୟରେ ରାୟଗଡ଼ା ଜିଲାର ଚାନ୍ଦିଲି, ଗୁଣପୁର, କଲ୍ୟାଣସିଂହପୁର ଅଞ୍ଚଳରେ ଚଢ଼ାଉ କରାଯାଇ ବିପୁଳ ପରିମାଣରେ ଦେଶୀମଦ ଏବଂ ମଦ ରନ୍ଧାରେ ବ୍ୟବହୃତ ସାମଗ୍ରୀ ଜବତ କରାଯାଇ ନଷ୍ଟ କରାଯାଇଛି। ଚାନ୍ଦିଲି ଥାନା ଅଞ୍ଚଳରେ ୨ ଜଣଙ୍କୁ ଏବଂ କଲ୍ୟାଣସିଂହପୁରରୁ ଜଣଙ୍କୁ ଗିରଫ କରାଯାଇଛି। ମୋଟ ୯ଟି ମାମଲା ରୁଜୁ କରାଯାଇଛି।

## ଚାଷବେଳେ ଓଲଟିଲା ଟ୍ରାକ୍ଟର, ଚାଳକ ମୃତ

ଝରିଗାଁ,୧୯।୬(ସ୍ୱ.ପ୍ର.)-

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ସୀମାନ୍ତ ଚନ୍ଦହାଣ୍ଡି ପାଟକଳିଆ ପଞ୍ଚାୟତର ଜାମପାଣି ଗ୍ରାମରେ ରବିବାର ଏକ ଅଭାବନୀୟ ଘଟଣା ଘଟିଯାଇଛି। ଟ୍ରାକ୍ଟରରେ ଲଙ୍ଗଳ ଲଗାଇ ଜମିରେ ଚାଷ କରିବା ସମୟରେ ଟ୍ରାକ୍ଟର ଓଲଟି ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଝରିଗାଁ ବ୍ଲକ ଗୁରୁସିଙ୍ଗା ପଞ୍ଚାୟତ ଅନ୍ତର୍ଗତ ପେଟଫୁଲା ଗ୍ରାମର ପଦମନ ଗୌଡ଼(୩୦)।

ଘଟଣାରୁ ପ୍ରକାଶ, ପଦମନ ସକାଳେ ଜାମପାଣି ଗ୍ରାମର ମକା ଚାଷୀ ବିଜୟ ଗୌଡ଼ଙ୍କ ଜମିରେ ଚାଷ କରିବା ପାଇଁ ଟ୍ରାକ୍ଟର ନେଇ ଯାଇଥିଲେ। ଅପରାହ୍ଣ ୫ଟା ବେଳେ ଚାଷ କରିବା ସମୟରେ ଟ୍ରାକ୍ଟର ଓଲଟି ପଡ଼ିଥିଲା। ଏଥିରେ ଚାଳକ ପଦମନ ଟ୍ରାକ୍ଟର ତଳେ ଚାପି ହୋଇଯାଇଥିଲେ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ପଦମନଙ୍କ ପରିବାର ଲୋକେ ପହଞ୍ଚିଛନ୍ତ। ତେବେ ଖବର ଲେଖାଯିବା ସୁଦ୍ଧା ପୋଲିସ ନିକଟରେ ଖବର ପହଞ୍ଚି ନ ଥିବା ଜଣାପଡ଼ିଛି।



## ବାଲ୍ୟ ବିବାହ ନ କରିବାକୁ ଯାଦବ ସମାଜର ସଙ୍କଳ୍ପ

ଉମରକୋଟ,୧୯।୬ (ସ୍ୱ.ପ୍ର.)

ଉମରକୋଟ ବ୍ଲକ ଅନ୍ତର୍ଗତ ବୁର୍ଜାଠାରେ ଯାଦବ ସମାଜର ମହାସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ସାଧରଣ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ବାଗ ଯୋଗ ଦେଇଥିବାବେଳେ ପର୍ଶୁରାମ ନାୟକ, ଶତ୍ରୁଘ୍ନ ଗୌଡ଼, ତ୍ରିନାଥ ମାଝି, ଯଦୁ ଗୌଡ଼, ବୀର ଗୌଡ଼, ଧନ ସିଂ ଗୌଡ଼, ରାମଚନ୍ଦ୍ର ଗୌଡ଼, ଭୁବନ ଗୌଡ଼ଙ୍କ ସମେତ ପ୍ରାୟ ୫ଶହ ଯାଦବ ସମ୍ପ୍ରଦାୟର ଲୋକେ ଯୋଗ ଦେଇଥିଲେ। ଯାଦବ ସମାଜରେ କେହି ବାଲ୍ୟ ବିବାହ କରାଇଲେ ଦଣ୍ଡିତ ହେବେ ବୋଲି ସଙ୍କଳ୍ପ ପାରିତ ହୋଇଥିଲା। ଏଥିସହ ପିଲାଙ୍କୁ ୧୮ ବର୍ଷ ହେଲେ ପରେ ହିଁ ଅନ୍ୟତ୍ର କାମ କରାଇବା ନେଇ ନିଷ୍ପତ୍ତିନିଆଯାଇଥିଲା।


କାର୍ଯ୍ୟକ୍ରମରେ ଯାଦବ ସମାଜର ଜିଲା ସାଧାରଣ ସମ୍ପାଦକ ଓ ଅନ୍ୟମାନେ ।

## ୬୪ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ, ୪ ଗିରଫ

ଜୟପୁର, ୧୯।୬ (ନି.ପ୍ର.)

ଏକ କଣ୍ଟେନରରେ ରାଜସ୍ଥାନକୁ ଗଞ୍ଜେଇ ଚୋରାଚାଲାଣ ହେଉଥିବା ବେଳେ ୩୨୬ ନଂ. ଜାତୀୟ ରାଜପଥର ପାତ୍ରପୁଟ ନିକଟରେ ଚଢାଉ କରି ସଦର ପୋଲିସ ଏହାକୁ ଧରିଛି। ଏଥିରେ ସମ୍ପୃକ୍ତ ୪ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ରାଜସ୍ଥାନର ହମେନ୍ଦ୍ର ସିଂ (୪୮), ବିହାରର କ୍ରିଷ୍ଣ କୁମାର (୨୬), ସମିମ ଅହମ୍ମଦ (୨୦) ଓ ବୈନାଥ ରାମ (୩୦)। ସେମାନଙ୍କଠାରୁ ୫୬ ପେଟିରେ ୬୪୭ କେଜି ଗଞ୍ଜେଇ ଜବତ ହୋଇଛି। ଏହାର ମୂଲ୍ୟ ୬୪ ଲକ୍ଷ ୭୦ ହଜାର ଟଙ୍କା ହେବ। ଏହି ଗଞ୍ଜେଇ କଣ୍ଟେନର(ଆରଜେ-୧୮ଜିବି-୪୧୪୫)ରେ ମାଲକାନଗିରିରୁ ରାଜସ୍ଥାନ ଚାଲାଣ ହେଉଥିଲା ବୋଲି ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି।



୪ ଅଭିଯୁକ୍ତ ।

## ପୋଖରୀ ବିବାଦକୁ ନେଇ ଦୁଇ ଗୋଷ୍ଠୀ ମୁହାଁମୁହିଁ

ମାଲକାନଗିରି,୧୯।୬ (ଡି.ଏନ୍.ଏ.)

ମାଲକାନଗିରି ସଦର ବ୍ଲକରେ ଆଦିବାସୀ ଓ ବଙ୍ଗୀୟ ସମ୍ପ୍ରଦାୟ ମଧ୍ୟରେ ପୋଖରୀ ହୁଡା ନିର୍ମାଣକୁ ନେଇ ରବିବାର ଉତ୍ତେଜନା ଦେଖାଦେଇଛି। ଗୋରାଖଣ୍ଟା ପଞ୍ଚାୟତ ଏମ୍‌ପିଭି- ୨ ଗ୍ରାମରେ ଏପରି ଦେଖିବାକୁ ମିଳିଛି। ଗ୍ରାମରେ ଏକ ପୁରାତନ ଗ୍ରାମ୍ୟ ପୋଖରୀ ଅଞ୍ଚଳରେ ସୋନାଲଗୁଡା ଗ୍ରାମର ଇର୍ମା ମାଡକାମିଙ୍କ ୩୩ ସେଣ୍ଟ ଜମି ରହିଛି। ଏହି ଜମିକୁ ନେଇ ଅନେକ ସମୟରେ ଉଭୟ ଗ୍ରାମ ମଧ୍ୟରେ ବିବାଦ ଲାଗି ରହୁଛି। ଗତ କିଛିଦିନ ତଳେ ଅତିରିକ୍ତ ତହସିଲଦାର ଏବଂ ରାଜସ୍ୱ ବିଭାଗ ଅଧିକାରୀମାନେ ଯାଇ ଉକ୍ତ ଜମି ମାପଚୁପ କରି ବିବାଦ ତୁଟାଇବାକୁ ଉଦ୍ୟମ କରିଥିଲେ। ସେ ସମୟରେ ଏହି ପୋଖରୀର ଅଧା ସୋନାଲଗୁଡା ଗ୍ରାମର ଇର୍ମାଙ୍କ ବୋଲି ଗ୍ରାମବାସୀ ଦାବି କରିଥିବା ବେଳେ ଏମ୍‌ପିଭି- ୨ ଗ୍ରାମର ଗ୍ରାମବାସୀ ଏହି ପୋଖରୀଟି ଗ୍ରାମ୍ୟ କମିଟିର ବୋଲି ଦାବି କରିଥିଲେ। ଫଳରେ ବିବାଦର ସମାଧାନ ହୋଇ ପାରି ନ ଥିଲା। ରବିବାର ପାନାରଗୁଡାର ଶତାଧିକ ଗ୍ରାମବାସୀ ଆସି ପୋଖରୀରେ ନୂତନ ହୁଡା ନିର୍ମାଣ କରିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ମାଲକାନଗିରି ଥାନା ଅଧିକାରୀ ରିଗାନ କିଣ୍ଡ ଘଟଣାସ୍ଥଳରେ ପହଞ୍ଚି ଉଭୟ ଗୋଷ୍ଠୀ ସହ ଆଲୋଚନା କରିଥିଲେ। ଆଗାମୀ ଦିନରେ ଉଭୟ ଗୋଷ୍ଠୀଙ୍କୁ ନେଇ ରାଜସ୍ୱ ବିଭାଗ ଅଧିକାରୀଙ୍କ ଉପସ୍ଥିତିରେ ଏକ ବୈଠକ କରାଯାଇ ଏହାର ସମାଧାନ କରାଯିବ ବୋଲି କିଣ୍ଡ କହିଛନ୍ତି।


ପୋଖରୀ ହୁଡା ନିର୍ମାଣକୁ ବିରୋଧ କରୁଥିବା ଗ୍ରାମବାସୀ।

